# ପ୍ରେସ୍ ବିବୃତ୍ତି

**୨୧.୦୮.୨୦୨୦**

ଭାରତୀୟ ପାଣିପାଗ ବିଭାଗ ଗତ କାଲି ୫ଟି ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ, ୮ ଟି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ୭ ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଥିଲେ। ତେବେ ଆଜି ସକାଳ ୮.୩୦ ମି. ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ସାମାନ୍ୟ ପରିମାଣର ବର୍ଷା ହୋଇଥିବା ବେଳେ ଅଳ୍ପ କେତେକ ଜିଲ୍ଲାରେ ମଧ୍ୟମ ଧରଣର ବୃଷ୍ଟିପାତ ହୋଇଅଛି। ଏହି ସମୟ ମଧ୍ୟରେ ରାଜ୍ୟରେ ପ୍ରାୟ ହାରାହାରି ୧୬.୦ ମି.ମି. ବୃଷ୍ଟିପାତ ହୋଇଅଛି।

ଦୁଇଗୋଟି ବ୍ଲକ ଯଥା ମାଲକାନଗିରି ଜିଲ୍ଲାର ପଡିଆ ବ୍ଲକରେ ୧୧୨.୩ ମି.ମି. ଓ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକରେ ୧୨୬.୨ ମି.ମି. ବୃଷ୍ଟିପାତ ରେକର୍ଡ କରାଯାଇଅଛି। ଏହାବ୍ୟତୀତ ୨୨ଟି ବ୍ଲକରେ ୫୦ ମି.ମି. ରୁ ଉର୍ଦ୍ଧ୍ୱ ଓ ୫୯ ଟି ବ୍ଲକରେ ୨୦ ମି.ମି. ରୁ ୫୦ ମି.ମି. ମଧ୍ୟରେ ବୃଷ୍ଟିପାତ ହୋଇଅଛି।

ବୈତରଣୀ ନଦୀର ଜଳସ୍ତର ଆଖୁଆପଦା ଠାରେ ବିପଦସଙ୍କେତର ସାମାନ୍ୟ ଉପରେ ପ୍ରବାହିତ ହେଉଅଛି। ଏଠାରେ ବିପଦସଂକେତ ୧୭.୮୩ ମିଟର ଥିବାବେଳେ ମଧ୍ୟାହ୍ନ ୧୨ଟା ସୁଦ୍ଧା ନଦୀର ଜଳସ୍ତର ୧୭.୯୪ ମିଟର ଥିଲା। ମାତ୍ର ଏହି ନଦୀର ଜଳସ୍ତର ଯୋଗୁଁ କୌଣସି ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ ଏବଂ ଉପରମୁଣ୍ଡରେ ଅଧିକ ବର୍ଷା ହୋଇ ନଥିବାରୁ ଜଳସ୍ତର ଖୁବ୍ ଶୀଘ୍ର ହ୍ରାସ ପାଇବ ବୋଲି ଆଶା କରାଯାଉଅଛି।

ସେହିପରି ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକର ମଥାନି ଠାରେ ଜଳକା ନଦୀର ଜଳସ୍ତର ବିପଦସଂକେତର ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିଲେ ମଧ୍ୟ ଏହା ସ୍ଥିର ରହିଅଛି। ଏହି ନଦୀଯୋଗୁଁ ମଧ୍ୟ କୌଣସି ବନ୍ୟା ପରିସ୍ଥିତିର ଆଶଙ୍କା ନାହିଁ।

ନବରଙ୍ଗପୁର ଜିଲ୍ଲାରେ ବୃଷ୍ଟିପାତ ଯୋଗୁଁ କୋରାପୁଟ ଜିଲ୍ଲାର କୋଠପାଟ ବ୍ଲକ ଅନ୍ତର୍ଗତ ସୁରଲି ଠାରେ ଜାତୀୟ ରାଜପଥ ୨୬ର ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେବା ଯୋଗୁଁ ବରିଗୁମା ଠାରୁ ଜଗଦଲପୁର ରାସ୍ତା ବିଚ୍ଛିନ୍ନ ହୋଇଅଛି। ସେଠାରେ ପୋଲିସ୍, ଅଗ୍ନିଶମ ବାହିନୀ, ଓଡ୍ରାଫ୍, ବ୍ଲକ ଓ ତହସିଲ୍ କର୍ମଚାରୀମାନେ ମୁତୟନ ରହିବା ସହ ପରିସ୍ଥିତି ପ୍ରତି ସଜାଗ ଅଛନ୍ତି। ବୃଷ୍ଟିପାତ ଫଳରେ ଏହି ଜିଲ୍ଲାରେ ୧୨୦ଟି ବାସଗୃହ ଓ ଗୋଟିଏ ଗୁହାଳ କ୍ଷତିଗ୍ରସ୍ତ ହୋଇଅଛି।

ମାଲକାନଗିରି ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୬୨.୫ ମି.ମି. ବୃଷ୍ଟିପାତ ହେବା ଫଳରେ କଙ୍ଗାରୁକୋଣ୍ଡା, କନ୍ୟାଶ୍ରମ, କୋରକୁଣ୍ଡା ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଅଛି। ମାତ୍ର ଏମ୍.ଭି. ୯୦, ଏମ୍.ଭି ୯୬ ପୋଲ ତଳେ ବନ୍ୟା ଜଳସ୍ତର କମିବାରେ ଲାଗିଛି। ମାଥିଲି ବ୍ଲକର ପଙ୍ଗାମ୍ ପୋଲ ଓ ସାବେରୀ ପୋଲ ତଳେ ମଧ୍ୟ ବନ୍ୟା ଜଳ ପ୍ରବାହିତ ହେଉଅଛି। ମୋଟୁର ମୋଗି ପଏଣ୍ଟ ଠାରେ ସିଲେରୁ ନଦୀର ଜଳସ୍ତର ବୃଦ୍ଧି ପାଉଅଛି। ଗତକାଲି ରାତିରେ ମାଥିଲି ବ୍ଲକର ୧୬୯ ଜଣ ବ୍ୟକ୍ତି ଓ କାଲିମେଳା ବ୍ଲକର ୮୧ ଜଣ ବ୍ୟକ୍ତିଙ୍କୁ ନିକଟସ୍ଥ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଅଛି।

ଝାରସୁଗୁଡା ଜିଲ୍ଲାରେ ଗତ ରାତିରେ ମଧ୍ୟମ ଧରଣର ବୃଷ୍ଟିପାତ ଯୋଗୁଁ ଲଖନପୁର ତହସିଲର ୪ଟି ପରିବାରର କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଅଛି। କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ୍ ଯୋଗାଇ ଦିଆଯାଇଅଛି।

ଖୋର୍ଦ୍ଧା ଜିଲ୍ଲାରେ ଜଟଣୀ ବ୍ଲକର ବେଣାପଞ୍ଜୁରୀ ଗ୍ରାମ ପଞ୍ଚାୟତରେ କେତେକ ଚାଷ ଜମି ବର୍ଷାଜଳ ଦ୍ୱାରା ବୁଡି ରହିଅଛି। ସେହିପରି ମଲାଗୁଣି ନଦୀରେ ବର୍ଷାଜଳ ଆସିବାରୁ ଖୋର୍ଦ୍ଧା ବ୍ଲକର ଓବରସିଂ ପଞ୍ଚାୟତର ହିରମଲ ଗ୍ରାମର କେତେକ ଚାଷଜମି ବର୍ଷାଜଳ ଦ୍ୱାରା ବୁଡି ରହିଅଛି।

ମୟୁରଭଞ୍ଜ ଜିଲ୍ଲାରେ ବଡସାହି ବ୍ଲକ ଅନ୍ତର୍ଗତ ଗଙ୍ଗାହାର ନଦୀର ଜଳସ୍ତର କ୍ରମଶଃ ହ୍ରାସ ପାଉଅଛି।

ଚଳିତ ବର୍ଷ ମୌସୁମୀ ଜନିତ ବୃଷ୍ଟିପାତ ଫଳରେ ରାଜ୍ୟରେ ମୋଟ ୫ ଜଣ ବ୍ୟକ୍ତିଙ୍କର ପ୍ରାଣହାନୀ ଘଟିଅଛି ।

| **ଜିଲ୍ଲା** | **ବ୍ଲକ** | **ଗ୍ରାମ** | **ନାମ** | **ମୃତ୍ୟୁ ତାରିଖ** |
|---|---|---|---|---|
| ବଲାଙ୍ଗୀର | ପାଟଣାଗଡ | ଘୁଂଗୁଟିପାଲ୍ଲୀ | ଦୀପା ବରାଲେଣ୍ଡିଆ | ୧୬.୦୮.୨୦୨୦ (କାନ୍ଥପଡି) |
| ମୟୁରଭଞ୍ଜ | ମୋରଡା | ଗଣ୍ଡଗୁହାଳି | ବୁଦ୍ଧେଶ୍ୱର ମାଝି | ୧୯.୦୮.୨୦୨୦ (ନଦୀରେ ଭାସିଯାଇ) |
| | | | ମଙ୍ଗଳ ମାରାଣ୍ଡି | ୧୯.୦୮.୨୦୨୦ (ନଦୀରେ ଭାସିଯାଇ) |
| | କୁଳିଅଣା | କୁଚେଇ | ବାସନ୍ତିମୁଖୀ | ୨୧.୦୮.୨୦୨୦ (କାନ୍ଥପଡି) |
| ଦେଓଗଡ | ରିଆମାଳ | ଦେହୁରୀପାଲ୍ଲୀ | ଗୋପାଳଗାରିଆ | ୨୧.୦୮.୨୦୨୦ (କାନ୍ଥପଡି) |

ଚଳିତ ଅଗଷ୍ଟ ମାସରେ ହୋଇଥିବା ପ୍ରବଳ ବୃଷ୍ଟିପାତ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ବାସଗୃହ, କ୍ଷତିଗ୍ରସ୍ତ ଚାଷଜମି ଓ ବାଲିଚର ଚାଷଜମି ସମ୍ବନ୍ଧରେ ସାତଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି। ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ମିଳିବା ପରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଆବଶ୍ୟକ ସହାୟତା ରାଶି ଯୋଗାଇ ଦିଆଯିବ।

ଗତ ଜୁନ ମାସରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ସାଧାରଣ ବୃଷ୍ଟିପାତ ଠାରୁ ୧.୩ ପ୍ରତିଶତ ଅଧିକ ବର୍ଷା ହୋଇଅଛି। ଜୁନ୍ ମାସରେ ସାଧାରଣ ବୃଷ୍ଟିପାତ ଠାରୁ ଶତକଡା ୯.୩ ପ୍ରତିଶତ ଅଧିକ, ଜୁଲାଇ ମାସରେ ୩୪.୯ ପ୍ରତିଶତ କମ୍ ଓ ଅଗଷ୍ଟ ମାସରେ ୪୫.୨ ପ୍ରତିଶତ ରୁ ଅଧିକ ବୃଷ୍ଟିପାତ ହୋଇଅଛି। ଯେଉଁ ଜିଲ୍ଲାଗୁଡିକରେ ଜୁଲାଇ ମାସରେ ନିଅଣ୍ଟିଆ ବୃଷ୍ଟିପାତ ହୋଇଥିଲା, ତାହା ଅଗଷ୍ଟ ମାସର ବୃଷ୍ଟିପାତରେ ପ୍ରାୟ ପୂରଣ ହୋଇଅଛି।

ଅଗଷ୍ଟ ମାସରେ ୧୭ଟି ଜିଲ୍ଲାରେ ସାଧାରଣ ବୃଷ୍ଟିପାତ ଠାରୁ ଅଧିକ (> ୧୯%) ଏବଂ ୧୨ ଟି ଜିଲ୍ଲାରେ ସାଧାରଣ ବୃଷ୍ଟିପାତ (-୧୯% ରୁ +୧୯%) ହୋଇଅଛି। ତନ୍ମଧ୍ୟରୁ ୬ ଟି ଜିଲ୍ଲାରେ ସାଧାରଣ ବୃଷ୍ଟିପାତ ଠାରୁ ୧୦୫ % ରୁ ୧୭୬ % ପର୍ଯ୍ୟନ୍ତ ଅଧିକ ବୃଷ୍ଟିପାତ ହୋଇଅଛି। କେବଳ ନୂଆପଡା ଜିଲ୍ଲାରେ ୩୧.୯% ନିଅଣ୍ଟିଆ ବର୍ଷା ହୋଇଅଛି।

***